# ସରକାରୀ ମୋଟର ଯାନ ଚାଳନା ପ୍ରତିଷ୍ଠାନ , ଭୁବନେଶ୍ୱର

## ବିଜ୍ଞାପନ

ଓଡିଶା ସରକାରଙ୍କ ପରିବହନ ବିଭାଗ ଦ୍ୱାରା ପେସାଦାର ଡ୍ରାଇଭର ହୋଇ ଜୀବିକା ନିର୍ବାହ କରିବା ପାଇଁ ଇଚ୍ଛୁକ ଯୁବକ / ଯୁବତୀ ମାନଙ୍କ ଠାରୁ ଭାରି ଯାନ (HMV ) ଡ୍ରାଇଭିଂ ଟ୍ରେନିଂ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ଯୁବକ / ଯୁବତୀମାନେ ଯାଜପୁର ଜିଲ୍ଲା ଛତିଆ ନିକଟସ୍ଥ ବିଦ୍ୟାଧରପୁର ଗ୍ରାମରେ ଓଡିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ଅଶୋକ ଲେଲାଣ୍ଡ କମ୍ପାନୀ ଦ୍ୱାରା ପରିଚାଳିତ ଭାରୀଯାନ ତାଲିମ କେନ୍ଦ୍ରର ଛାତ୍ରାବାସରେ ରହି ୩୦ ଦିନ ପର୍ଯ୍ୟନ୍ତ ତାଲିମ ନେବା ଆବଶ୍ୟକ । ଏହି ତାଲିମ ଖର୍ଚ୍ଚ , ଛାତ୍ରାବାସର ଖର୍ଚ୍ଚ, ଲର୍ଣ୍ଣିଙ୍ଗ ତଥା ଡ୍ରାଇଭିଂ ଲାଇସେନ୍ସର ସମସ୍ତ ଦେୟ ସମ୍ପୂର୍ଣ ଭାବେ ସରକାର ବହନ କରିବେ । ଏତଦ ବ୍ୟତୀତ ସରକାର ସଫଳ ପ୍ରାଥୀମାନଙ୍କୁ ୩୦୦୦ ଟଙ୍କା ଲେଖାଏ ମଜୁରୀ କ୍ଷତିପୂରଣ ପ୍ରଦାନ କରିବେ । ଡ୍ରାଇଭିଂ ଟେଷ୍ଟରେ କୃତକାର୍ଯ୍ୟ ହେଲେ ଡ୍ରାଇଭିଂ ଲାଇସେନ୍ସ ପାଇପାରିବେ । କୃତକାର୍ଯ୍ୟ ହୋଇଥିବା ପ୍ରାଥୀ ମାନଙ୍କୁ ଚାକିରୀ ପାଇବାପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯାଏ ।

**ଆବେଦନ ପାଇଁ ପ୍ରାଥୀଙ୍କ ଯୋଗ୍ୟତା**

**(୧) ବୟସ : ୨୦ ରୁ ୩୫ ବର୍ଷ , (୨) ଉଚ୍ଚତା : ୫ ଫୁଟ ୪ ଇଞ୍ଚ ବା ତଦୁର୍ଦ୍ଧ, (୩) ଅଭିଜ୍ଞତା : ଏକ ବର୍ଷରୁ ଅଧିକ ପୁରୁଣା ହାଲୁକା ମୋଟର ଯାନ (LMV ) ଡ୍ରାଇଭିଂ ଲାଇସେନ୍ସ ଥିବା ଆବଶ୍ୟକ ।**

ଇଚ୍ଛୁକ ପ୍ରାଥୀମାନେ ନିମ୍ନଲିଖିତ ସୂଚନାମାନ ସାଦା ଫର୍ମରେ ପୂରଣ କରି ଆବେଦନ କରିବେ :

(୧) ନାମ, (୨) ପିତାଙ୍କ ନାମ, (୩) ସମ୍ପୂର୍ଣ୍ଣ ଠିକଣା, (୪) ମୋବାଇଲ ନମ୍ବର, (୫) ଜନ୍ମ ତାରିଖ (ଆଧାର କାର୍ଡ ) (୬) ଉଚ୍ଚତା, (୭) **(LMV )** ଡ୍ରାଇଭିଂ ଲାଇସେନ୍ସ ର ବିବରଣୀ ।

ପ୍ରାଥୀମାନେ ଉପରୋକ୍ତ ଫର୍ମ ପୂରଣ କରି ୨ ଗୋଟି ଫୋଟ ସହ ଠିକଣା ,ବୟସ ପ୍ରମାଣପତ୍ର , ହାଲୁକା (LMV ) ଡ୍ରାଇଭିଂ ଲାଇସେନ୍ସର ନକଲ ସହ ନିମ୍ନଲିଖିତ ଠିକଣାରେ ପଠାଇପାରିବେ କିମ୍ବା ଉପରୋକ୍ତ ଫର୍ମ ପୂରଣ କରି ୨ ଗୋଟି ଫୋଟ ଓ ଉକ୍ତ ପ୍ରମାଣପତ୍ର ଗୁଡିକର ସ୍ୱପ୍ରମାଣିତ ନକଲ **(Self Attested copy)** ସହ ତାଲିମ କେନ୍ଦ୍ରରେ ଛୁଟିଦିନ ବ୍ୟତୀତ ଯେ କୌଣସି ଦିନ ପ୍ରିନସିପାଲ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଏହି ତାଲିମ ବର୍ଷସାରା ଦିଆଯାଏ ।

ରାଜ୍ୟର ଯେକୌଣସି ଜିଲ୍ଲାର ବାସିନ୍ଦା ହୋଇଥିଲେ ମଧ୍ୟ ଏହି ଭାରୀଯାନ ଚାଳନା କେନ୍ଦ୍ରରେ ଦରଖାସ୍ତ କରିପାରିବେ ।

**ଫର୍ମ ପଠାଇବାର / ଦେବାର ଠିକଣା**
**ପ୍ରିନସିପାଲ, ଭାରୀଯାନ ଚାଳନା ତାଲିମ କେନ୍ଦ୍ର, ବିଦ୍ୟାଧରପୁର , ଛତିଆ , ଜିଲ୍ଲା : ଯାଜପୁର, ପିନ : ୭୫୪୦୨୩**
**ଫୋନ ନମ୍ବର : ୭୦୭୭୪୨୬୫୭୧ , ୯୧୭୮୯୨୬୭୭୩**

**ଯୁଗ୍ମ ପରିବହନ କମିଶନର (ଟେକ୍ନିକାଲ ) ତଥା ଅଧକ୍ଷ,**
**ସରକାରୀ ମୋଟର ଯାନ ଚାଳନା ପ୍ରତିଷ୍ଠାନ , ଭୁବନେଶ୍ୱର**